ମେସର୍ସ ଜେ.କେ. ସିନ୍ଥେଟିକ୍ସ ଲିମିଟେଡ଼

*ବନାମ*

କେନ୍ଦ୍ରୀୟ ଅବକାରୀ ଜିଲ୍ଲାପାଳ

ଅଗଷ୍ଟ 28,1996

[ଏସ୍.ପି. ଭରୁଚା ଏବଂ କେ.ଏସ୍. ପରିପୁର୍ଣ୍ଣନ, ନ୍ୟାୟମୂର୍ତ୍ତିଦ୍ୱୟ]

*ସୀମା ଶୁଳ୍କ, ଉତ୍ପାଦନ ଶୁଳ୍କ ଏବଂ ସୁନା (ନିୟନ୍ତ୍ରଣ) ଅପିଲୀୟ ନ୍ୟାୟାଧିକରଣ (ପ୍ରକ୍ରିୟା) ନିୟମାବଳୀ, 1982*

*ନିୟମ, 20, 21 ଏବଂ 41 – ଅପିଲ – ଶୁଣାଣି — ବିଭାଗୀୟ ପ୍ରତିନିଧିଙ୍କୁ ଶୁଣାଗଲା — ଅନ୍ୟ ପକ୍ଷ ଉପସ୍ଥିତ ନଥିଲେ— ପକ୍ଷ ବିରୋଧରେ ଏକ ତରଫା ନିଷ୍ପତ୍ତି ନିଆଯାଇଥିଲା — ଅଧିବକ୍ତା ଅନ୍ୟସ୍ଥାନରେ ଥିଲେ ଏବଂ ସେ ପହଞ୍ଚିଥିବା ସମ୍ବନ୍ଧୀୟ ବାର୍ତ୍ତା ଶୀଘ୍ର ଅବଗତ କରିବା ବେଳକୁ ବିଚାରପୀଠ ଉଠିସାରିଥିଲେ — ଉପାଧକ୍ଷ ଏକ ତରଫା ଆଦେଶକୁ ପ୍ରତ୍ୟାହାର କରିବାକୁ ଅନୁରୋଧ କରିଥିଲେ ଏବଂ ତା'ପରେ ଯୋଗ୍ୟତା ଉପରେ ଅପିଲ ଶୁଣାଣି କରାଯାଇଥିଲା— ଆବେଦନ ଦାଖଲ କରାଯାଇଥିଲା —ନ୍ୟାୟାଧିକରଣ ଆବେଦନକୁ ପ୍ରତ୍ୟାଖ୍ୟାନ କରିଥିଲେ – ଅପିଲ ପରେ, ସିଇଜିଏଟି ପ୍ରତ୍ୟେକ ମାମଲାରେ ବିଚାର କରିବ ଯେ, ତାଙ୍କ ବିରୁଦ୍ଧରେ ଏକ ତରଫା ଆଦେଶର ପ୍ରତ୍ୟାହାର ପାଇଁ ଆବେଦନ କରୁଥିବା ପକ୍ଷର ଅନୁପସ୍ଥିତ ରହିବାର ପାଇଁ ଯଥେଷ୍ଟ କାରଣ ଅଛି କି ନାହିଁ— ଯଦି ଏହା ସନ୍ତୁଷ୍ଟ ହୁଏ ଯେ, ଏକ ତରଫା ଆଦେଶକୁ ଅଗ୍ରାହ୍ୟ କରିବା ପାଇଁ ଯଥେଷ୍ଟ କାରଣ ଅଛି, ତେବେ ସିଇଜିଏଟି ଅପିଲକୁ ପୁନଃସ୍ଥାପନ କରିବ ଏବଂ ଯୋଗ୍ୟତା ଉପରେ ପୁନଃ ଶୁଣାଣି କରିବ ।*

*ଆୟକର ଆୟୁକ୍ତ , ମାଡ୍ରାସ ବନାମ ଏସ୍. ଚେନ୍ନିଆପ୍ପା ମୁଦାଲିଆର,* **74 ITR 41;** *ଆୟକର ଅଧିକାରୀ, କାନୋର ବନାମ ଏମ୍.କେ. ମହମ୍ମଦ କୁନ୍ହି* **71 ITR 815** *ଏବଂ ଗ୍ରୀଣ୍ଡଲେଜ୍ ବ୍ୟାଙ୍କ ଲିମିଟେଡ଼ ବନାମ କେନ୍ଦ୍ରୀୟ ସରକାରୀ ଶିଳ୍ପ ନ୍ୟାୟାଧିକରଣ ଏବଂ ଅନ୍ୟମାନେ,* **[1981] 2 SCR 341, କୁ ଉଲ୍ଲେଖ କରାଯାଇଛି ।**

*ସଦରଲାଣ୍ଡଙ୍କ ବୈଧାନିକ ନିର୍ମାଣ, ତୃତୀୟ ସଂସ୍କରଣ, ଡୋମାଟର ଦେୱାନୀ ଆଇନ, ଖଣ୍ଡ-1 ଏବଂ ବିଧାନଗୁଡ଼ିକର ବ୍ୟାଖ୍ୟା ଉପରେ ମାକ୍ସୱେଲ,* **11ତମ ସଂସ୍କରଣ, ଉଲ୍ଲେଖ କରାଯାଇଛି /**

ଦେୱାନୀ ଅପିଲୀୟ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 3849/1988 ।

ଅପିଲ ସଂଖ୍ୟା ଇ.ଡି./ଏସ୍ ବି/590/1984 ରେ ଏ. ସଂଖ୍ୟା ଇ/ବିବିଧ 355/87- C ରେ ନୂଆଦିଲ୍ଲୀର ସୀମା ଶୁଳ୍କ ଏବଂ ସୁନା (ନିୟନ୍ତ୍ରଣ) ଅପିଲୀୟ ନ୍ୟାୟାଧିକରଣର 21.4.88 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଜେ.ବି. ଡି. ଏବଂ କୋ. ପାଇଁ ରବିନ୍ଦର ନାରାୟଣ, ସୁଶ୍ରୀ ଅମୃତା ମିତ୍ର ।

ଉତ୍ତରଦାତାଙ୍କ ପାଇଁ ଜୋସେଫ୍ ଭେଲ୍ଲାପଲ୍ଲୀ ଏବଂ ଭି.କେ. ବର୍ମା ।

ନ୍ୟାୟାଳୟ ନିମ୍ନଲିଖିତ ଆଦେଶ ପ୍ରଦାନ କରିଥିଲେ:

ଅପିଲକାରୀ ଏକ ଫେରସ୍ତ ଦାବି ଦାଖଲ କରିଥିଲେ ଯାହାକୁ ସହକାରୀ ଜିଲ୍ଲାପାଳ କିମ୍ବା କେନ୍ଦ୍ରୀୟ ଅବକାରୀ ବିଭାଗ ଦ୍ୱାରା ପ୍ରତ୍ୟାଖ୍ୟାନ କରାଯାଇଥିଲା । ଅପିଲକାରୀ ଜିଲ୍ଲାପାଳ (ସୀମା ଶୁଳ୍କ) ଙ୍କ ନିକଟରେ ଏକ ଅପିଲ ଦାଖଲ କରିଥିଲେ ଏବଂ ଅପିଲକୁ ଅନୁମତି ଦିଆଯାଇଥିଲା । କେନ୍ଦ୍ରୀୟ ଅବକାରୀ ଜିଲ୍ଲାପାଳ, ସୀମାଶୁଳ୍କ, ଉତ୍ପାଦ ଏବଂ ସୁନା (ନିୟନ୍ତ୍ରଣ) ଅପିଲୀୟ ନ୍ୟାୟାଧିକରଣ (ସିଇଜିଏଟି) ସମ୍ମୁଖରେ ଉତ୍ତରଦାତା ଏକ ଅପିଲ ଦାଖଲ କରିଥିଲେ । ଏହି ଅପିଲର ଶୁଣାଣି 31 ଅଗଷ୍ଟ, 1987 ରେ ହୋଇଥିଲା । ଯେତେବେଳେ ଅପିଲ ଶୁଣାଣିରେ ପହଞ୍ଚିଥିଲା, ଅପିଲକାରୀ (ଆମ ସମ୍ମୁଖରେ) ପ୍ରତିନିଧିତ୍ୱ କରିନଥିଲେ । ସିଇଜିଏଟି ଅପିଲକୁ ସମର୍ଥନ କରି ବିଭାଗୀୟ ପ୍ରତିନିଧିଙ୍କ କଥା ଶୁଣିଲେ ଏବଂ ଯୋଗ୍ୟତା ଆଧାରରେ ଅପିଲକାରୀଙ୍କ ବିରୁଦ୍ଧରେ ଏକତରଫା ନିଷ୍ପତ୍ତି ନେଲେ । ସେହି ସକାଳ ପ୍ରାୟ 11.30 ରେ ସିଇଜିଏଟିକୁ କୁହାଯାଇଥିଲା ଯେ, ଅପିଲକାରୀଙ୍କ ଅଧିବକ୍ତା ଅନ୍ୟ ସ୍ଥାନରେ ଅଛନ୍ତି ଏବଂ ସେ ଖୁବ୍ ଶୀଘ୍ର ସିଇଜିଏଟି ପହଞ୍ଚିବେ । ସୂଚନାଦାତାଙ୍କୁ କୁହାଯାଇଥିଲା ଯେ, ଅପିଲର ଉପରେ ଶୁଣାଣି ହୋଇସାରିଛି ଏବଂ ଏହାର ପରିସମାପ୍ତି ହୋଇସାରିଛି । ବିଚାରପୀଠ ଉଠିଯିବା ପରେ, ଅପିଲକାରୀଙ୍କ ଅଧିବକ୍ତା ସିଇଜିଏଟିର ଉପାଧ୍ୟକ୍ଷଙ୍କୁ ତାଙ୍କ ପ୍ରକୋଷ୍ଠରେ ଭେଟିଥିଲେ ଏବଂ ତାଙ୍କୁ ଅଟକାଇ ରଖିବାର କାରଣ ଦର୍ଶାଇ ଅପିଲ ଉପରେ ହୋଇଥିବା ଏକ୍ସ ତରଫା ଆଦେଶକୁ ପ୍ରତ୍ୟାହାର କରିନେବା ତଥା ଅପିଲଟିକୁ ଯୋଗ୍ୟତା ଆଧାରରେ ଶୁଣାଣି କରିବା ପାଇଁ ଅନୁରୋଧ କରିଥିଲେ । ଅଧିବକ୍ତାଙ୍କୁ ତାଙ୍କର ଅନୁରୋଧକୁ ଲିଖିତ ଭାବରେ ରଖିବାକୁ କୁହାଯାଇଥିଲା । ଏଥିପାଇଁ ଏକ ଆବେଦନ କରାଯାଇଥିଲା । ଆବେଦନଟିର ଶୁଣାଣି ସମୟରେ, ଅପିଲକାରୀଙ୍କ ବିଜ୍ଞ ଅଧିବକ୍ତା ତାଙ୍କୁ ବିଳମ୍ବିତ କରିବାର କାରଣ ଦର୍ଶାଇଥିଲେ, ସେ ସିଇଜିଏଟି (ପ୍ରକ୍ରିୟା) ନିୟମାବଳୀ, 1982ର ନିୟମ 41 ଉପରେ ନିର୍ଭର କରିଥିଲେ ଏବଂ ଯୋଗ୍ୟତା ଭିତ୍ତିରେ ଅପିଲକୁ ଖାରଜ କରିଦେଉଥିବା ଆଦେଶର ପୁନଃବିଚାର ପାଇଁ ପ୍ରାର୍ଥନା କରିଥିଲେ । ଉତ୍ତରଦାତାଙ୍କୁ ପ୍ରତିନିଧିତ୍ୱ କରୁଥିବା ବିଜ୍ଞ ବିଭାଗୀୟ ପ୍ରତିନିଧି, "ଏହି ଆଦେଶ ପ୍ରତ୍ୟାହାର କରାଯିବା ଉପରେ ତାଙ୍କୁ ଆପତ୍ତି କରିବାକୁ ପଡ଼ିବ ବୋଲି ଦର୍ଶାଇ କହିଥିଲେ ଯେ, ସିଇଜିଏଟି (ପ୍ରକ୍ରିୟା) ନିୟମାବଳୀ, 1982 ର ନିୟମ 20 ଏବଂ 21 ଅନୁସାରେ, ଉତ୍ତରଦାତାଙ୍କ ଅନୁପସ୍ଥିତିରେ ଯୋଗ୍ୟତା ଆଧାରରେ ପାରିତ ହୋଇଥିବା ଏପରି ଆଦେଶକୁ ପ୍ରତ୍ୟାହାର କିମ୍ବା ରଦ୍ଦ କରିବାର କୌଣସି କ୍ଷମତା ନ୍ୟାୟାଳୟଙ୍କ ପାଖରେ ନାହିଁ"। ସିଇଜିଏଟି, ନିୟମ 20 ଏବଂ 21 ଏବଂ ନିୟମ 41 ର ବ୍ୟବସ୍ଥା ଉପରେ ବିଚାର କରିଥିଲେ । ଏହା ପର୍ଯ୍ୟବେକ୍ଷଣ କରିଥିଲେ ଯେ, ନିୟମ 20 ଏବଂ ନିୟମ 21 ରୁ ଏହା ଦେଖାଯାଇପାରିବ ଯେ, ଯଦି ନିୟମ 20ର ପରନ୍ତୁକରେ ପର୍ଯ୍ୟାପ୍ତ କାରଣ ଦର୍ଶାଇ ଖିଲାପରେ ଖାରଜ କରାଯାଇଥିବା ଅପିଲର ପୁନଃସ୍ଥାପନ ପାଇଁ ବ୍ୟବସ୍ଥା ଥିଲା, ତେବେ ନିୟମ 21 ଅନୁଯାୟୀ ଉତ୍ତରଦାତାଙ୍କ ଅନୁପସ୍ଥିତିରେ ଏକ ତରଫା ଶୁଣାଣି ହୋଇଥିବା ଅପିଲ ସମ୍ବନ୍ଧରେ ଏପରି କୌଣସି ବ୍ୟବସ୍ଥା ନଥିଲା । ସିଇଜିଏଟି ନିଜ ଦ୍ୱାରା ପାରିତ କରିଥିବା ଆଦେଶର ପ୍ରକୃତି ଏବଂ ପ୍ରକୃତ ସ୍ୱରୂପକୁ ବିଷୟରେ ଉଲ୍ଲେଖ କରିଥିଲେ । ଏହା *ଆୟକର ଆୟୁକ୍ତ ମାଡ୍ରାସ ବନାମ ଏସ୍. ଚେନ୍ନିଆପ୍ପା ମୁଦାଲିୟାର*, 74 ITR 41 ମାମଲାରେ ଏହି ନ୍ୟାୟାଳୟଙ୍କ ନିର୍ଣ୍ଣୟକୁ ଉଲ୍ଲେଖ କରିଥିଲା । ଏହା ଜାଣିବାକୁ ପାଇଲେ ଯେ, ଯେଉଁଠାରେ ଜଣେ ଉତ୍ତରଦାତା ତାଙ୍କ ମାମଲା ଉପସ୍ଥାପନ କରିବାକୁ ସୁଯୋଗର ଲାଭ ଉଠାଇନଥିଲେ, ସିଇଜିଏଟିକୁ ନିଷ୍ପତ୍ତି ନେବାର ଦାୟିତ୍ୱରୁ ମୁକ୍ତ କରାଯାଇନଥିଲା । ଏହା ଦର୍ଶାଯାଇଥିଲା:

"ତେଣୁ, ଅପିଲର ଶୁଣାଣି ପାଇଁ ଡକାଯିବା ସମୟରେ ଉତ୍ତରଦାତା ଉପସ୍ଥିତ ନଥିଲେ ମଧ୍ୟ, ନଥିରେ ଥିବା ତଥ୍ୟ ଆଧାରରେ ଯୋଗ୍ୟତା ଉପରେ ନିଷ୍ପତ୍ତି ନେବାରେ ନ୍ୟାୟାଧିକରଣକୁ ଦୋଷୀ କରାଯିବ ନାହିଁ । ବାସ୍ତବରେ ନ୍ୟାୟାଧିକରଣ ତାହା ହିଁ କରିଥିଲା । ଉତ୍ତରଦାତାଙ୍କ ଅନୁପସ୍ଥିତିରେ ନ୍ୟାୟାଧିକରଣଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ଦେୱାନୀ ପ୍ରକ୍ରିୟା ସଂହିତା କିମ୍ବା ଦେୱାନୀ ନ୍ୟାୟାଳୟରେ ବୁଝାଯାଉଥିବା ଏକ ତରଫା ନିଷ୍ପତ୍ତି କିମ୍ବା ଡିକ୍ରି ନୁହେଁ ଏବଂ ଯଦି ଏହା ଯୋଗ୍ୟତା ଉପରେ ନିଷ୍ପତ୍ତି, ତେବେ ଆମେ ଏହାକୁ କିପରି ସମୀକ୍ଷା କରିପାରିବୁ କିମ୍ବା ରଦ୍ଦ କରିପାରିବୁ ତାହା ଦେଖିବାରେ ବିଫଳ ହେଉଛୁ । ବାସ୍ତବରେ, ଯୋଗ୍ୟତା ଆଧାରରେ ଦିଆଯାଇଥିବା ଆଦେଶକୁ ପୁନଃବିଚାର କରିବା ଅର୍ଥ ହେଉଛି ଯୋଗ୍ୟତା ଆଧାରରେ ଦିଆଯାଇଥିବା ଆଦେଶକୁ ରଦ୍ଦ କରିବା କିମ୍ବା ଏହାର ପୁନର୍ବିଚାର କରିବା । ଏପରି କରିବା ଦ୍ୱାରା, ନ୍ୟାୟାଧିକରଣ ଏକ କ୍ଷମତା ପ୍ରୟୋଗ କରିବ ଯାହା ଆଇନ ଦ୍ୱାରା ତାକୁ ପ୍ରଦାନ କରାଯାଇନାହିଁ । ଆମେ ଭାବୁନାହୁଁ ଯେ, ଏପରି ପରିସ୍ଥିତିରେ ସିଇଜିଏଟି (ପ୍ରକ୍ରିୟା) ନିୟମାବଳୀ, 1982ର ନିୟମ 41କୁ ଅପିଲକାରୀମାନେ ଆଦେଶର ପ୍ରତ୍ୟାହାର ପାଇଁ ସେମାନଙ୍କ ଆବେଦନକୁ ସମର୍ଥନ କରିବା ପାଇଁ ସହାୟତା ଭାବରେ ଗ୍ରହଣ କରିପାରିବେ ।":

ଏହା ହେଉଛି ଆପତ୍ତି ଅଧୀନରେ ସିଇଜିଏଟିର  ରାୟ ଏବଂ  ଆଦେଶ  । ଅପିଲକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ଉପସ୍ଥାପନ କରିଥିଲେ ଯେ, ନିୟମ 41ର ପରିସର ଯଥେଷ୍ଟ ବ୍ୟାପକ ଥିଲା ଯେ, ଯଦି ନ୍ୟାୟିକ ଉଦ୍ଦେଶ୍ୟକୁ ସୁରକ୍ଷିତ ରଖିବା ପାଇଁ ଏପରି ଆଦେଶ ଆବଶ୍ୟକ ହୁଏ, ତେବେ ଅପିଲର ଯୋଗ୍ୟତା ଉପରେ ଦିଆଯାଇଥିବା ଆଦେଶର ପ୍ରତ୍ୟାହାରକୁ ଏହାର ପରିସରଭୁକ୍ତ କରାଯାଇପାରିବ । ଉତ୍ତରଦାତାଙ୍କ ବିଜ୍ଞ ଅଧିବକ୍ତା, ଶ୍ରୀଯୁକ୍ତ ଯୋଶେଫ ଭେଲ୍ଲାପଲ୍ଲୀ, ନିରପେକ୍ଷ ଭାବରେ, ଅସହମତି ପ୍ରକାଶ କରିନଥିଲେ ।

ଆୟକର ଅଧିକାରୀ, କାନୋର ବନାମ ଏମ୍. କେ. ମହମ୍ମଦ କୁନ୍ହି,71 ITR 815, ମାମଲାରେ ଏହି ନ୍ୟାୟାଳୟଙ୍କର ରାୟ ପ୍ରତି ଆମର ଧ୍ୟାନ ଆକର୍ଷଣ କରାଯାଇଥିଲା, ଯେଉଁଥିରେ ଆୟକର ଅଧିନିୟମ, 1961ର ଧାରା 254 ଅନୁଯାୟୀ ଆୟକର ଅପିଲୀୟ ନ୍ୟାୟାଧିକରଣଙ୍କର କ୍ଷମତା ସମ୍ବନ୍ଧୀୟ ପ୍ରଶ୍ନ ରହିଥିଲା । ସଦରଲାଣ୍ଡର ସାମ୍ବିଧାନିକ ନିର୍ମାଣ, ତୃତୀୟ ସଂସ୍କରଣ, ଡୋମାଟଙ୍କ ଦେୱାନୀ ଆଇନ, ପ୍ରଥମ ଖଣ୍ଡ ଏବଂ ମ୍ୟାକ୍ସୱେଲ ଅନ ଇଣ୍ଟରପ୍ରିଟେସନ୍ ଅଫ୍ ଷ୍ଟେଟ୍ୟୁଟ୍ସ, ଏକାଦଶ ସଂସ୍କରଣ ଉପରେ ନିର୍ଭର କରି କୁହାଯାଇଥିଲା ଯେ, ଏହା ଏକ ଦୃଢ ଭାବରେ ପ୍ରତିଷ୍ଠିତ ନିୟମ ଥିଲା ଯେ, ବୈଧାନିକ କ୍ଷମତାର ଏକ ସ୍ପଷ୍ଟ ଅନୁଦାନ ସହିତ, ଆବଶ୍ୟକ ଅର୍ଥରେ, ଏପରି ଅନୁଦାନକୁ ପ୍ରଭାବଶାଳୀ କରିବା ପାଇଁ ସମସ୍ତ ଯୁକ୍ତିଯୁକ୍ତ ଉପାୟ ବ୍ୟବହାର କରିବାର କ୍ଷମତା ଥିଲା । ଟିକସ ଅପିଲୀୟ ନ୍ୟାୟାଧିକରଣକୁ ଦିଆଯାଇଥିବା କ୍ଷମତା ଯଥାସମ୍ଭବ ବ୍ୟାପକ ଥିଲା ଏବଂ ଏହା ସହିତ, ଆବଶ୍ୟକ ପ୍ରଭାବ ଦ୍ୱାରା, ସେହି କ୍ଷମତାଗୁଡ଼ିକର ପ୍ରୟୋଗକୁ ସମ୍ପୂର୍ଣ୍ଣ ପ୍ରଭାବଶାଳୀ କରିବା ପାଇଁ ଆବଶ୍ୟକ ସମସ୍ତ କ୍ଷମତା ଏବଂ କର୍ତ୍ତବ୍ୟ ଆନୁଷଙ୍ଗିକ ଏବଂ ଆବଶ୍ୟକ ଥିଲା। । ଧାରା 254 ଅନୁଯାୟୀ ଏହାର କ୍ଷମତାକୁ ଦୃଷ୍ଟିରେ ରଖି ଏହା କୁହାଯାଇଥିଲା  ଯେ, ଟିକସ ଅପିଲୀୟ ନ୍ୟାୟାଧିକରଣକୁ ଏପରି ସମସ୍ତ କାର୍ଯ୍ୟ କରିବା ଏବଂ ଏହାର ଉଦ୍ଦେଶ୍ୟ ପାଇଁ ପ୍ରୟୋଜନୀୟ ଏବଂ ଆବଶ୍ୟକୀୟ ଉପକରଣ ବ୍ୟବହାର କରିବାର କ୍ଷମତା ଦିଆଯାଇଛି । ବୈଧାନିକ କ୍ଷମତା ଏହା ସହିତ ଉପଯୁକ୍ତ ମାମଲାରେ କାର୍ଯ୍ୟ ସ୍ଥଗିତ ରଖିବା ପାଇଁ ଏପରି ଆଦେଶ ଦେବାର କର୍ତ୍ତବ୍ୟ ବହନ କରିଥିଲା ଯାହା ସଫଳ ହୋଇଥିବା ଅପିଲକୁ ନିରର୍ଥକ ହେବାରୁ ରୋକିପାରିବ ।

*ଗ୍ରିଣ୍ଡଲେଜ୍ ବ୍ୟାଙ୍କ ଲିମିଟେଡ୍ ବନାମ କେନ୍ଦ୍ରୀୟ ସରକାର ଶିଳ୍ପ ନ୍ୟାୟାଧିକରଣ ଏବଂ ଅନ୍ୟମାନେ,* [1981] 2 SCR 341 ରେ, ଶିଳ୍ପ ବିବାଦ ଆଇନର ବ୍ୟବସ୍ଥା ଅନୁଯାୟୀ ଗଠିତ ଶିଳ୍ପ ନ୍ୟାୟାଧିକରଣ ସମ୍ପର୍କରେ ସମାନ ନୀତି ପ୍ରୟୋଗ କରାଯାଇଥିଲା । ଏହା କୁହାଯାଇଥିଲା ଯେ, ଯେଉଁଠାରେ ଏକ ପକ୍ଷକୁ ପର୍ଯ୍ୟାପ୍ତ କାରଣ ଯୋଗୁଁ ଶୁଣାଣିରେ ଉପସ୍ଥିତ ହେବାରୁ ବାରଣ କରାଯାଇଥିଲା ଏବଂ ଏକ ତରଫା ଅଧିନିର୍ଣ୍ଣୟର ସମ୍ମୁଖୀନ କରାଯାଇଥିଲା, ତାହା ଏପରି ଥିଲା ଯେପରି କାର୍ଯ୍ୟବିଧି ବିଷୟରେ ସୂଚନା ନ ଦେଇ ଏକ ପକ୍ଷକୁ ଅଧିନିର୍ଣ୍ଣୟ ଦିଆଯାଇଥିଲା ।ଯେଉଁଠାରେ ଏକ ଶିଳ୍ପ ନ୍ୟାୟାଧିକରଣ କୌଣସି ପକ୍ଷକୁ ବିଜ୍ଞପ୍ତି ନ ଦେଇ ଏକ ଅଧିନିର୍ଣ୍ଣୟ ପ୍ରଦାନ କରିବାକୁ ଅଗ୍ରସର ହୋଇଥିଲେ ସେହି ଅଧିନିର୍ଣ୍ଣୟ କେବଳ ଏକ ନିଷ୍ଫଳତା ବ୍ୟତୀତ ଆଉ କିଛି ନଥିଲା । ଏଭଳି ପରିସ୍ଥିତିରେ, ଶିଳ୍ପ ନ୍ୟାୟାଧିକରଣଙ୍କର କେବଳ କ୍ଷମତା ନଥିଲା, ବରଂ ଏକ ତରଫା ରାୟକୁ ରଦ୍ଦ କରିବା ଏବଂ ମାମଲାର ନୂତନ ଶୁଣାଣି ପାଇଁ ନିର୍ଦ୍ଦେଶ ଦେବା ମଧ୍ୟ କର୍ତ୍ତବ୍ୟ ଥିଲା । ବିଚାରାଧୀନ ନିୟମ (ଶିଳ୍ପ ବିବାଦ (କେନ୍ଦ୍ରୀୟ) ନିୟମାବଳୀ, 1957 ର ନିୟମ 22) ଅନୁଯାୟୀ, ପର୍ଯ୍ୟାପ୍ତ କାରଣ ଦର୍ଶାଯିବା ବିନା, ଯଦି ଶିଳ୍ପ ନ୍ୟାୟାଧିକରଣଙ୍କ ସମ୍ମୁଖରେ କାର୍ଯ୍ୟବିଧିର କୌଣସି ଅଂଶ ଉପସ୍ଥିତ ନହୁଏ କିମ୍ବା ବର୍ଣ୍ଣନା ନହୁଏ, ତେବେ ଶିଳ୍ପ ନ୍ୟାୟାଧିକରଣ ଏପରି ଭାବରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ଯେପରି ପକ୍ଷଟି ଯଥାସମ୍ଭବ ଉପସ୍ଥିତ ଥିଲେ କିମ୍ବା ପ୍ରତିନିଧିତ୍ୱ କରିଥିଲେ । ତେଣୁ, ଯଦି କୌଣସି ପକ୍ଷଙ୍କ ଅନୁପସ୍ଥିତିର ଯଥେଷ୍ଟ କାରଣ ନ ଥାଏ, ତେବେ ଶିଳ୍ପ ନ୍ୟାୟାଧିକରଣ ଏକ ତରଫା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଅଧିକାରିତା ଥିଲା । କିନ୍ତୁ ଯଦି କୌଣସି ପକ୍ଷ ଉପସ୍ଥିତ ନହେବା ପାଇଁ ଯଥେଷ୍ଟ କାରଣ ଦର୍ଶାଯାଏ, ତେବେ ଶିଳ୍ପ ନ୍ୟାୟାଧିକରଣ ଏକ ତରଫା ଅଧିନିର୍ଣ୍ଣୟକୁ ରଦ୍ଦ କରିବାର କ୍ଷମତା ରଖିଥାନ୍ତି । ଏକ ତରଫା ଭାବରେ ଆଗକୁ ବଢ଼ିବାର କ୍ଷମତା ସହିତ ଶୁଣାଣିରେ ଏକ ଅଂଶର ଅନୁପସ୍ଥିତି ପାଇଁ ପର୍ଯ୍ୟାପ୍ତ କାରଣ ଅଛି କି ନାହିଁ ତାହା ଅନୁସନ୍ଧାନ କରିବାର କ୍ଷମତା ରହିଥିଲା ।

ସିଇଜିଏଟି (ପ୍ରକ୍ରିୟା) ନିୟମାବଳୀର ନିୟମ 20 ସେହି ମାମଲାଗୁଡ଼ିକ ସହିତ ଜଡ଼ିତ, ଯେଉଁଠାରେ ଅପିଲକାରୀ ଖିଲାପ କରିଛନ୍ତି । ନିୟମ 21 ସିଇଜିଏଟି କୁ ଏକତରଫା ଅପିଲର ଶୁଣାଣିର କ୍ଷମତା ପ୍ରଦାନ କରେ । ବାସ୍ତବତା ହେଉଛି ଯେ, ନିୟମ 21 ସ୍ପଷ୍ଟ ଭାବରେ ଉଲ୍ଲେଖ କରେ ନାହିଁ ଯେ, ଏକ ଅପିଲ ଉପରେ ଶୁଣାଣି ଏବଂ ଏକ ତରଫା ପରିସମାପ୍ତି ଉପରେ ଏକ ଆଦେଶକୁ ଉତ୍ତରଦାତାଙ୍କର ଅନୁପସ୍ଥିତିକୁ ଦର୍ଶାଇବା ପାଇଁ ପର୍ଯ୍ୟାପ୍ତ କାରଣ ଦର୍ଶାଇ ରଦ୍ଦ କରାଯାଇପାରିବ, ଏହାର ଅର୍ଥ ନୁହେଁ ଯେ, ସିଇଜିଏଟିର ଏପରି କରିବାର କୌଣସି କ୍ଷମତା ନାହିଁ । ନିୟମ 41, ସିଇଜିଏଟି କୁ ଏପରି ଆଦେଶ ଦେବା କିମ୍ବା ଏପରି ନିର୍ଦ୍ଦେଶ ଦେବା ପାଇଁ ବ୍ୟାପକ କ୍ଷମତା ପ୍ରଦାନ କରେ ଯାହା ଏହାର ଆଦେଶକୁ କାର୍ଯ୍ୟକାରୀ କରିବା ପାଇଁ କିମ୍ବା ଏହାର ପ୍ରକ୍ରିୟାର ଅପବ୍ୟବହାରକୁ ରୋକିବା ପାଇଁ କିମ୍ବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାବରେ, ନ୍ୟାୟର ଲକ୍ଷ୍ୟକୁ ସୁରକ୍ଷିତ କରିବା ପାଇଁ ଆବଶ୍ୟକ କିମ୍ବା ସମୀପକାଳୀନ ହୋଇପାରେ ।

ଯଦି, ଏକ ନିର୍ଦ୍ଦିଷ୍ଟ ମାମଲାରେ, ଏହା ପ୍ରମାଣିତ ହୁଏ ଯେ, ଉତ୍ତରଦାତା ନିଜ ଦୋଷ ବିନା ତାଙ୍କ ସମ୍ମୁଖରେ ଉପସ୍ଥିତ ହୋଇପାରିଲେ ନାହିଁ, ତେବେ ନ୍ୟାୟର ଉଦ୍ଦେଶ୍ୟ ସ୍ପଷ୍ଟ ଭାବରେ ଆବଶ୍ୟକ କରିବ ଯେ, ତାଙ୍କ ବିରୁଦ୍ଧରେ ଏକତରଫା ଆଦେଶକୁ ରଦ୍ଦ କରାଯିବା ଉଚିତ । କ୍ଷମତା ଅଭାବରୁ ଏପରି ନ କରିବା ସ୍ପଷ୍ଟ ଅନ୍ୟାୟ ହେବ ।ଏହି ପରିପ୍ରେକ୍ଷୀରେ ନ୍ୟାୟ ପ୍ରଦାନ କରିବା ପାଇଁ ପ୍ରତିଷ୍ଠିତ ପ୍ରତ୍ୟେକ ନ୍ୟାୟାଧିକରଣ ଏବଂ ନ୍ୟାୟାଳୟର ଅନ୍ତର୍ନିହିତ କ୍ଷମତା ବ୍ୟତୀତ, ନିୟମ 41 ଅନୁଯାୟୀ, ନ୍ୟାୟ ପ୍ରଦାନର ଉଦ୍ଦେଶ୍ୟକୁ ସୁନିଶ୍ଚିତ କରିବା ପାଇଁ ଯେକୌଣସି ଆଦେଶ ଦେବା ପାଇଁ ସିଇଜିଏଟି କୁ ସ୍ପଷ୍ଟ କ୍ଷମତା ଦିଆଯାଇଛି । ତେଣୁ, ଯଦି ଏହା ଜଣାପଡ଼େ ଯେ ଉତ୍ତରଦାତା, ଯଥେଷ୍ଟ କାରଣ ପାଇଁ,

ଉପସ୍ଥିତ ହୋଇପାରିଲେ ନାହିଁ, ତେବେ ସିଇଜିଏଟି  ସମ୍ମୁଖରେ ଉତ୍ତରଦାତାଙ୍କ ବିରୁଦ୍ଧରେ ଏକ ତରଫା ଭାବରେ ଦିଆଯାଇଥିବା ଆଦେଶକୁ ରଦ୍ଦ କରିବାର କ୍ଷମତା ଅଛି ।

ଏହିପରି ପ୍ରତ୍ୟେକ ମାମଲାରେ, ସିଇଜିଏଟି ବିଚାର କରିବା ଉଚିତ ଯେ, ତାଙ୍କ ବିରୁଦ୍ଧରେ ଦିଆଯାଇଥିବା ଏକ ତରଫା ଆଦେଶର ପ୍ରତ୍ୟାହାର ପାଇଁ ଆବେଦନ କରିଥିବା ଉତ୍ତରଦାତାଙ୍କ ପାଖରେ ଏହା ପାରିତ ହେବା ସମୟରେ ଅନୁପସ୍ଥିତ ରହିବାର ଯଥେଷ୍ଟ କାରଣ ଥିଲା କି ନାହିଁ ଏବଂ ଯଦି ସିଇଜିଏଟି ର ସନ୍ତୁଷ୍ଟି ପାଇଁ ଏହା ପ୍ରମାଣିତ ହୁଏ ଯେ, ଏହାର ପ୍ରତ୍ୟାହାର ପାଇଁ ଯଥେଷ୍ଟ କାରଣ ଥିଲା, ତେବେ ସିଇଜିଏଟିକୁ ଏକ ତରଫା ଆଦେଶକୁ ରଦ୍ଦ କରିବାକୁ ହେବ, ଅପିଲକୁ ଏହାର ନଥିରେ ପୁନଃସ୍ଥାପନ କରିବାକୁ ହେବ ଏବଂ ଯୋଗ୍ୟତା ଆଧାରରେ ଏହାର ପୁନଃ ଶୁଣାଣି କରିବାକୁ ହେବ ।

ବର୍ତ୍ତମାନର ମାମଲାର ତଥ୍ୟ ଉପରେ, ଆମେ ସିଇଜିଏଟି  ବିରୁଦ୍ଧରେ ଏକ ତରଫା ଆଦେଶକୁ ଖାରଜ କରିବା ପାଇଁ ଅପିଲକାରୀଙ୍କ ଆବେଦନକୁ ଅନୁମତି ଦେବା ଉଚିତ ବୋଲି ଭାବୁଛୁ ।

ଅପିଲକୁ ଅନୁମତି ଦିଆଯାଇଛି । ଅପିଲ ଅଧୀନରେ ଥିବା ଆଦେଶକୁ ରଦ୍ଦ କରିଦିଆଯାଇଛି । ଏହା ବିରୁଦ୍ଧରେ ସିଇଜିଏଟି ଦ୍ୱାରା ଏକ ତରଫା ଭାବେ ପାରିତ 1987 ଅଗଷ୍ଟ 31 ତାରିଖର ଆଦେଶକୁ ପ୍ରତ୍ୟାହାର କରିବା ପାଇଁ ଅପିଲକାରୀଙ୍କ ଆବେଦନକୁ ଅନୁମତି ଦିଆଯାଇଛି । ସିଇଜିଏଟି ସମ୍ମୁଖରେ ଥିବା ଅପିଲ (ସଂଖ୍ୟା 590/84C)  କୁ ଏହାର ନଥିରେ ପୁନଃସ୍ଥାପିତ କରାଯାଇଛି ଏବଂ ଏହାର ଶୁଣାଣି କରାଯିବ ଏବଂ ଯୋଗ୍ୟତା ଆଧାରରେ ଏହାର ପରିସମାପ୍ତି କରାଯିବ ।

ଖର୍ଚ୍ଚ  ବାବଦରେ  କୌଣସି ଆଦେଶ ରହିବ ନାହିଁ ।

ଜି.ଏନ୍.                                                                                    ଅପିଲକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :**
**ସଙ୍ଗୀତା ସେନାପତି,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ ।**